# Akashvani, Sambalpur

## SAMBALPURI NEWS EVENING BULLETIN

## 1 January 2025- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧକ୍ଷତାଥି କେନ୍ଦ୍ର କେବିନେଟ୍‌ର ଚାଷୀମାନ୍‌କର୍ ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ।

- ଡିଏପି ସାର୍ ୫୦ କେଜି ବେଗ୍ ପିଛା ୧ ହଜାର୍ ୩ ଶହ ୫୦ ଟଙ୍କାଥି ପାଏବେ ଚାଷୀ ।

- ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ଆଏବା ଆର୍ଥିକ୍ ବଛର୍‌ତକ୍ ରହେବା ଜାରି ।

୨- ଇ ବଛର୍ ଫେବୃଆରୀ ମାସୁ ରାଏଜେ ଲାଗୁ ହେବା ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା- କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

୩- ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ଭାବେ ହରିବାବୁ କମ୍ଭମ୍‌ପତି ଆଏବା ଶୁକ୍ରବାର୍ ଦିନ ନେବେ ଶପଥ୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ର ୫ ନମ୍ବର୍ ଦିନେ ଆଏଜ୍ ସ୍ରାଚୀ ରାଢ଼ା ବେଙ୍ଗଲ୍ ଟାଇଗର୍‌କେ ଭେଟ୍‌ବା ଟିମ୍ ଗୋନାସିକା ଦଲ୍ ।

କେବିନେଟ୍ ବୈଠକ୍-୧          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାର୍ ଆର୍ ପୁନର୍ଗଠିତ୍ ପାଣିପାଗ୍ ଭିତିକ ଫସଲ୍ ବୀମା ଯୋଜ୍‌ନାକେ ୨୦୨୫-୨୬ ତକ୍ ଜାରି ରଖ୍‌ବାର୍‌କେ ଅନୁମୋଦନ୍ ମିଳିଛେ । ଇଥିର୍‌ଲାଗି ୨୦୨୧ -୨୨ ନୁ ୨୦୨୫-୨୬ ତକ୍ ମୋଟ୍ ୬୯ ହଜାର୍ ୫ ଶହ ୧୫ ଦଶ୍‌ମିକ୍ ୭/୧ କୋଟି ଟଙ୍କାର୍ ବ୍ୟୟବରାଦ୍ ହେଇଛେ । ଇ ନିଷ୍ପତିର୍ ଲାଗି ୨୦୨୫-୨୬ ତକ୍ ଦେଶର୍ ଚାଷୀମାନେ ପ୍ରତିରୋଧ୍ ନାଇଁ କରି ହଉଥିବା ପ୍ରାକୃତିକ୍ ବିପର୍ଯ୍ୟୟ ନୁ ଫସଲ୍ ନୁକ୍‌ସାନ୍‌ର ମୁକାବିଲାଥି ସାହାଜ୍ କର୍‌ବା । ଇତାର୍‌ଛଡ଼ା ଇ ଯୋଜ୍‌ନାର୍ କାର୍ଯ୍ୟକାରିତାଥି ବ୍ୟାପକ୍ ଜ୍ଞାନ୍‌କୌଶଲ୍‌ର ବେଭାର୍ ଲାଗି ସ୍ୱଚ୍ଛତା ଆଉ ଦାବି ଗଣ୍‌ନା ଆର୍ ସମାଧାନ୍ ବଢ଼ାବାର୍ ଲାଗି କେନ୍ଦ୍ର କେବିନେଟ୍ ୮ ଶହ ୨୪ ଦଶ୍‌ମିକ୍ ୭/୭ କୋଟି ଟଙ୍କାର୍ ଇନୋଭେସନ୍ ଆର୍ ଟେକ୍ନୋଲୋଜି ଲାଗି ଗୁଟେ ପାଣ୍ଠି ଗଠନ୍ କର୍‌ବାର୍ ଲାଗି ଭିଲ୍ ଅନୁମୋଦନ୍ ମିଳିଛେ । ପାଣିପାଗ୍ ସୂଚ୍‌ନା ଆର୍ ନେଟ୍‌ୱାର୍କ ଡାଟା ସିଷ୍ଟମ୍ (ୱିଣ୍ଡ୍‌ସ୍), ବ୍ଲକ୍‌ସ୍ତରଥି ସ୍ୱୟଂଚାଲିତ୍ ପାଣିପାଗ୍ କେନ୍ଦ୍ର (ଏଡବ୍ଲୁଏସ୍) ଆର୍ ପଂଚାୟତ୍‌ସ୍ତରଥି ସ୍ୱୟଂଚାଲିତ୍ ବର୍ଷା

ମାପକ (ଏଆର୍‌ଜି) ଥାପ୍‌ନା କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କେବିନେଟ୍‌ର ଇ ନିଷ୍ପତିକେ ସ୍ୱାଗତ୍ ଯୋଗ୍ୟ ବଲି  କହେବାର୍ ସହେତେ ଆମେ ଆମର୍ ଅନ୍ନଦାତା ଚାଷୀ ଭାଏ ବହେନ୍ ମାନ୍‌କର୍ ଲାଗି ଗର୍ବିତ୍  । ଯେନମାନେ ଦେଶ୍‌କେ ଖାଦ୍ୟ ଶସ୍ୟ ଯୁଗେଇ ଦେବାର୍ ଲାଗି କଡ଼ା ପରିଶ୍ରମ୍ କର୍‌ସନ୍ । ୨୦୨୫ର ପହେଲା କେବିନେଟ୍ ଆମର୍ ଚାଷୀମାନ୍‌କର୍ ବିକାଶ୍ ଲାଗି ସମର୍ପିତ୍ ବଲି ଗଣମାଧ୍ୟମ୍‌କେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

କେବିନେଟ୍ ବୈଠକ୍-୨ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଚାଷୀମାନ୍‌କୁ ସୁଲଭ ମୂଲ୍ୟଥି ଡାଇ ଏମୋନିୟମ୍ ଫସ୍‌ଫେଟ୍ - ଡିଏପି ସାର୍‌ର ନିରନ୍ତର୍ ଯୁଗାବାର୍ ଲାଗି ଏନ୍‌ବିଏସ୍ ସବ୍‌ସିଡି ୩ ହଜାର୍ ୫ ଶହ ଟଙ୍କା ହାର୍‌ଥି ଡିଏପି ଉପ୍‌ରେ ଏକକାଳୀନ ଖାସ୍ ପେକେଜ୍‌କେ ଏନ୍‌ବିଏସ୍ ସବ୍‌ସିଡି ଠାନୁ ୩ ହଜାର୍ ୫ ଶହ ଟଙ୍କା ବଢ଼ାବାର୍ ଲାଗି ସାର୍ ବିଭାଗ୍‌ର ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍ ୩

ହଜାର୍ ୮ ଶହ ୫୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚା ବହନ୍ କର୍‌ବେ । ଇଥିର୍‌ଲାଗି ରିହାତି ସୁଲଭ ଆର୍ ଉପଯୁକ୍ତ ଦର୍‌ଥି ଚାଷୀମାନ୍‌କୁ ଡିଏପି ମିଲ୍‌ବାର୍‌ଟା ସୁନିଶ୍ଚିତ୍ କରାଯାଇପାର୍‌ବା । ନୂଆଦିଲ୍ଲୀଠାନେ କେବିନେଟ୍ ବୈଠକ୍ ଉତ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଚାଷୀମାନେ ୫୦ କିଲୋଗ୍ରାମ୍ ବେଗ୍ ପିଛା ୧ ହଜାର୍ ୩ ଶହ ୫୦ ଟଙ୍କାଥି ଡିଏପି ସାର୍ ପାଏବାର୍‌ଟା ଜାରି ରହେବା । ଅତିରିକ୍ତ ଖର୍ଚ୍ଚା କେନ୍ଦ୍ର ସର୍‌କାର୍ ବହନ୍ କର୍‌ବେ ।

ଆୟୁଷ୍ମାନ୍ ଭାରତ୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଏବା ଫେବୃଆରୀ ମାସୁ ଆୟୁଷ୍ମାନ୍ ଭାରତ୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗୁ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ଯେ, ଆୟୁଷ୍ମାନ୍ ଭାରତ୍ ସହେତେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାକେ ମିଶାଯିବା ଆର୍ ରାଏଜେ ଇ ଯୋଜ୍‌ନାର୍ କାର୍ଯ୍ୟକାରିତା ଦିଗେ ସର୍‌କାର୍ କାମ୍

କରୁଛନ୍ । ଇଥିର୍‌ଲାଗି ନିୟମାବଳୀ ତିଆରି ଶେଷ୍ ଖେପେ ପୁହୁଁଚିଛେ । ରାଏଜେ ୧ କୋଟି ପରିବାର୍ ସାଢ଼େ ୩ କୋଟି ଲୁକ୍‌କୁ ଇ ଯୋଜ୍‌ନାଥି ସାମିଲ୍ କରାଯିବା । ଦେଶେ ୩୦ ହଜାର୍ ହସ୍ପିଟାଲ୍ ନ ଇ ଯୋଜ୍‌ନାର୍ ସୁବିଧା ମିଲିପାର୍‌ବା । ଫି' ପରିବାର୍‌ର ପୁରୁଷଙ୍କୁ ୫ ଲାଖ୍ ଆର୍ ମହିଲାଙ୍କୁ ୧୦ ଲାଖ୍ ଟଙ୍କାତକ୍ ଚିକିସ୍ସା ସୁବିଧା ମିଲ୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ମନ୍ତ୍ରୀ ଆହୁରି କହିଛନ୍ ଯେ, ଇ-କେଓ୍ୱାଇସି ଡାଟାବେସ୍‌କେ ଆଧାର୍ କରିକରି ହିତାଧିକାରୀମାନ୍‌କୁ କାର୍ଡ଼ ବଂଟାଯିବା । ଯେନ୍‌ମାନ୍‌କର୍ ଇ-କେଓ୍ୱାଇସି ନାଇଁ ହେଇ ସେମାନ୍‌କର୍ ନାଁକେ ସର୍‌କାର୍ ବିଚାର୍‌କେ ନେବେ ବଲି ମନ୍ତ୍ରୀ କହିଛନ୍ ।

ନୂଆଁ ରାଜ୍ୟପାଲ୍ ଶପଥ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ଭାବେ ହରିବାବୁ କମ୍ଭମ୍‌ପତି ଆଏବା ୩ ତାରିଖ୍ ଶୁକ୍ରବାର୍ ଦିନ ଶପଥ୍ ନେବେ । ରାଜ୍‌ଭବନ୍ ଠାନେ ଶପଥ୍ ଗ୍ରହଣ ସମାରୋହ ଅନୁଷ୍ଠିତ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉର୍ ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ବହୁତ୍ ସଦସ୍ୟ ଉପସ୍ଥିତ୍ ରହେବେ । ଆଏବା କାଏଲ୍ ଶ୍ରୀ କମ୍ଭମ୍‌ପତି ଓଡ଼ିଶା ଆସ୍‌ବେ । ଓଡ଼ିଶା

ପୁହୁଁଚିଲା ଉତ୍‌ରୁ ସେ ପୁରୀ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍‌ବେ ବଲି ରାଜ୍‌ଭବନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନୂଆଁ ବଛର୍ ଅଭିନନ୍ଦନ ଆର୍‌ଏନ୍‌ୟୁ / ସମ୍ବଲପୁର୍

ସାରା ରାଏଜେ ଆଏଜ୍ ଇଂରାଜୀ ନୂଆଁ ବଛର୍ ୨୦୨୫ ବହୁତ୍ ଉସ୍‌ନାକିଥି ପାଲନ କରାଯାଉଛେ । ଇ ଅବସ୍‌ରେ ଗଲା ଅଧାରାତି ନୁ ନୂଆଁ ବଛର୍‌କେ ସ୍ୱାଗତ୍ ଜନେଇ କରି ଭିନ୍ ଭିନ୍ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କର ତରଫୁ କାର୍ଯ୍ୟକ୍ରମ ମାନ୍ ଆୟୋଜନ୍ କରାଯାଇଛେ । ଆଏଜ୍ ଭୋର୍‌ନୁ ଲୁକେ ଭିନ୍ ଭିନ୍ ଦେବାଦେବୀଙ୍କର ମନ୍ଦିର ଯାଇ କରି ସେନ ପୂଜାର୍ଚ୍ଚନା କରୁଛନ୍ ।

ଇଂରାଜୀ ନୂଆବରସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଅଭିନନ୍ଦନ୍ ଜନେଇକରି ୨୦୨୫ ସମ୍‌କର୍ ଜୀବନ୍‌ଥି ଖୁସି, ଶାନ୍ତି, ସମୃଦ୍ଧି ଆନୁ ବଲି ସେ କାମନା କରିଛନ୍ । ରାଷ୍ଟ୍ରପତି ସଭେ ଏକ୍‌ଜୁଟ୍ ହେଇକରି ଦେଶ୍ ତଥା ପୁର୍‌ଥିର୍ ଅନ୍ତର୍ଭୁକ୍ତି ଆଉ ଉଜ୍ୱଲ୍ ଭବିଷ୍ୟତ୍ ଲାଗି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍ ତାଙ୍କର୍ ଶୁଭେଚ୍ଛା ବାର୍ତାଥି ଦେଶ୍‌ବାସୀଙ୍କୁ ଅଭିନନ୍ଦନ୍ ଜନାବାର୍ ସହେତେ ୨୦୪୭

ବିକଶିତ୍ ଭାରତ୍ ଗଠନ୍ ସହେତେ ସମ୍ବିଧାନ୍‌ର ନିର୍ମାତାଙ୍କର୍ ସପନ୍‌କେ ସାକାର୍ କର୍‌ବାର୍ ଲାଗି ଚେରେଷ୍ଟା କର୍‌ବାର୍‌କେ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ନୂଆବରସ୍ ସମ୍‌କର୍ ଲାଗି ସମ୍ଭାବନା, ସଫଲତା ଆଉ ଅସରନ୍ତି ଖୁସି ଆନୁ ବଲି କହିଛନ୍ । ଶ୍ରୀ ମୋଦୀ ଦେଶ୍‌ବାସୀଙ୍କର୍ ନିରାମୟ ଜୀବନ୍ ସହେତେ ପ୍ରଗତି କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ନୂଆବରସ୍ ଉଧେ ଶୁଭକାମନା ଜନେଇକରି ସମୃଦ୍ଧ ଆଉ ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ସଂକଳ୍ପ ନେବାର୍‌କେ ଆହ୍ବାନ୍ ଦେଇଛନ୍ । ସେଆଡ଼େ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆବରସ୍ ସମ୍‌କର୍ ଲାଗି ସମ୍ଭାବନା ଆର୍ ନୂଆଁ ଉତ୍ସାହର୍ ବରସ୍‌ର ହେଉ ବଲି ତାଙ୍କର୍ ବାର୍ତାଥି କହିଛନ୍ ।

ପୁରୀ -ନୂଆବର୍ଷ ପୁରୀ ସମ୍ବାଦଦାତା

ନୂଆବରସ୍ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଜବର୍ ଭିଡ଼୍ ହେଇଛେ । ଲକ୍ଷାଧିକ୍ ଭକ୍ତ ଆର୍ ଶ୍ରଦ୍ଧାଳୁ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । ରାତି ୧୨ ବାଜିକରି ୩୫ ମିନିଟ୍‌ଥି ଶ୍ରୀମନ୍ଦିର୍ ଦ୍ୱାର ଫିଟା ଯିବାର୍ ଉତ୍‌ରୁ ଭକ୍ତ

ଆର୍ ଶ୍ରଦ୍ଧାଳୁମାନେ ଶୃଙ୍ଖଲିତ୍ ଭାବେ ବେରିକେଡ୍ ଦେଇକରି ଦର୍ଶନ୍ ଲାଗି ସିଂହଦୁଆର୍ ବାଟେ ଯାଉଛନ୍ । ସେଆଡ଼େ ଶୃଙ୍ଖଲିତ୍ ଭାବେ ଭକ୍ତମାନେ ମାହାପୁରୁମାନ୍‌କର୍ ଦର୍ଶନ୍ କରିଥିବାର୍ ବେଳେ ସମୁଦ୍ର ଖଁଡ଼ି ନ ଆଏଜ୍ ସଖାଲୁ ସୂର୍ଯ୍ୟଉଦୟ ଦେଖିବାର୍ ଲାଗି ଜବର୍ ଭିଡ୍ ଜମିଥିଲା । ଶୃଙ୍ଖଲିତ୍ ଦର୍ଶନ୍ ଆର୍ ଭିଡ୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ୬୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆର୍‌ଏନ୍‌ୟୁ / ସମ୍ବଲପୁର

ସାରା ରାଏଜେ ଆଏଜ୍‌ଠାନୁ ସଡ଼କ୍ ସୁରକ୍ଷା ସପ୍ତାହ ପାଲନ୍ କରାଯାଉଛେ । ସଡ଼କ୍ ନ ଦୁର୍ଘଟଣାକେ ରୁକ୍‌ବାର୍ ସହେତେ ଟ୍ରାଫିକ୍ ନିୟମ୍‌କେ ପାଲନ୍ କର୍‌ବାର୍ ଲାଗି ଛାତ୍ରଛାତ୍ରୀଙ୍କର୍‌ନୁ ନେଇକରି ସର୍‌କାରୀସ୍ତର୍ ଆର୍ ଭିନ୍ ଭିନ୍ ସଂଗଠନ୍ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ସଡ଼କ୍ ଦୁର୍ଘଟଣାଥି ଅଏତ୍‌କାନୁ ଅଏତ୍‌କା ଜୀବନ୍ କେନ୍ତାକରି ରକ୍ଷା କରାଯାଇପାର୍‌ବା ସେ ବାବ୍‌ଦେ ବାର୍ତା ଦିଆଯାଉଛେ । ଇ ବଛର୍ ସଡ଼କ୍ ସୁରକ୍ଷା ସପ୍ତାହର୍ ବାର୍ତା ହେଉଛେ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' । ଜିଲ୍ଲାସ୍ତର୍‌ଥି ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ଆର୍

ପୁଲିସ୍‌ର ମିଲିତ୍ ସହଯୋଗ୍‌ଥି ଭିନ୍ ଭିନ୍ ସଚେତନତାମୂଲକ୍ ସଡ଼କ୍ ସୁରକ୍ଷା କାର୍ଯକ୍ରମ୍‌ମାନ୍ ଆୟୋଜନ୍ କରାଯିବା ।

ଆଇପିଏସ୍- ଡିଜିପି ପାହ୍ୟା ପଦୋନ୍ନତି   ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଆଏଜ୍ ୩ ଝନ୍ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡିଜିପି ପାହ୍ୟାକେ ପଦୋନ୍ନତି ଦେଇଛନ୍ । ସେମାନେ ହେଉଛନ୍ ୧୯୯୩ ବେଚ୍‌ର ଆଇପିଏସ୍ ଅଧିକାରୀ ବିନୟତୋଷ ମିଶ୍ର, ଆର୍.ପି. କୋଚେ, ଆର୍ ସୁଶାନ୍ତ କୁମାର୍ ନାଥ । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ପ୍ରକାଶ୍ ପାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରତିଷ୍ଠା ଦିବସ      ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆର୍ ସଂସ୍କୃତି ବିଭାଗ୍ ତର୍‌ଫୁ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ୩୨ ନମ୍ବର୍ ଦେବ୍‌ଗଡ଼୍ ଜିଲ୍ଲା ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଆୟୋଜିତ

କାର୍ଯ୍ୟକ୍ରମ୍‌ଥି ଦେବ୍‌ଗଡ୍‌ ବିଧାୟକ୍‌ ରୋମାଂଚ ରଞ୍ଜନ୍‌ ବିଶ୍ୱାଲ୍‌ ମୁଖ୍ୟଅତିଥି ଭାବେ ଯୋଗ୍‌ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଅତିଥିମାନେ ଦେବ୍‌ଗଡ୍‌ ଜିଲ୍ଲାର୍‌ ଗଠନ୍‌ ଲାଗି ଅବଦାନ୍‌ ଥିବା ମୁଖିଆ ବ୍ୟକ୍ତିବିଶେଷଙ୍କୁ ସୁର୍‌ତା କର୍‌ବାର୍‌ ସହେତେ ଜିଲ୍ଲାକେ ଗୁଟେ ବିକଶିତ୍‌ ଜିଲ୍ଲା ଭାବେ ଗଢ୍‌ବାର୍‌ ଲାଗି କହିଥିଲେ ।

ପଏଁରୀ ତିହାର୍‌ର ରୌପ୍ୟଜୟନ୍ତୀ ସୁବର୍ଣ୍ଣପୁର୍‌ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ଭୀମଭୋଇ କଳାମଣ୍ଡଳ ପଡ଼ିଆ ଠାନେ ଆଏଜ୍‌ ପଏଁରୀ ତିହାର୍‌ର ରୌପ୍ୟଜୟନ୍ତୀ ଉତ୍ସବ୍‌ ଉଦ୍‌ଘାଟିତ୍‌ ହେଇଯାଇଛେ । ୩ ଦିନ୍‌ ଧରିକରି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆର୍‌ ଜାତୀୟସ୍ତର୍‌ର ନୃତ୍ୟ ଦଲ୍‌ ଇଥି ଭାଗ୍‌ ନେବେ ।

ବର୍‌ଗଡ୍‌ ଧନୁଯାତ୍ରା ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ ଆଏବା ୩ ତାରିଖ୍‌ନୁ ମୁଲ୍‌ ହେବା । ଇଥିର୍‌ଲାଗି ପ୍ରସ୍ତୁତି ଜୋର୍‌ସୋର୍‌ଥି ଚାଲିଛେ । ଧନୁଯାତ୍ରା ଅବ୍‌ସରେ ଆଏଜ୍‌ ବର୍‌ଗଡ୍‌ ମହିଳା

କଲେଜ୍ ସାମ୍ନାଥି ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ୍ ହେଇଯାଇଛେ । ଇଥି ୫୦ ନୁ ଅଏତ୍କା ଦଲ୍ ଭାଗ୍ ନେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଶୁକ୍ରବାର୍ ସଖାଲ୍ବେଲା ସାଂସ୍କୃତିକ୍ ଶୋଭାଯାତ୍ରାର୍ ସହେତେ ବର୍ଗଡ଼୍ ଠାନେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମୁଲ୍ ହେବା ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ର ଆଏଜ୍ ୫ ନମ୍ବର୍ ଦିନେ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ ଆର୍ ଟିମ୍ ଗୋନାସିକା ଦଲ୍ ଭିତ୍ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍ଥି ଖେଲ୍ ମୁଲ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ୫-୪ ସୁଟ୍ଆଉଟ୍ଥି ଦିଲ୍ଲୀ ଏସ୍ଜି ପାଇପର୍ସକେ ହରେଇଛେ ।